# Akashvani, Sambalpur

## SAMBALPURI NEWS EVENING BULLETIN

## 9 January 2025- 7.02 pm- 7.12 pm.

*********************************************

୧- ଓଡ଼ିଶା -ଦେଶର୍ ସମୃଦ୍ଧ ଐତିହ୍ୟର୍ ପ୍ରତିଫଳନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

ଭୁବ୍‌ନେଶ୍ୱର୍ ନ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ସମାରୋହକେ ଆନୁଷ୍ଠାନିକ୍ ଭାବେ କଲେ ଉଦ୍‌ଘାଟନ୍ ।

୨- ଓଡ଼ିଶା ପୁହୁଁଚିଲେ ରାଷ୍ଟ୍ରପତି- ପ୍ରବାସୀ ଭାରତୀୟ ଦିବସ୍‌ର ଉଦ୍‌ଯାପନୀ ସମାରୋହଥି ଆଏବା କାଏଲ୍ ଦେବେ ଯୋଗ୍ ।

୩- ଯୁକ୍ତ ଦୁଇ ପରୀକ୍ଷାଥି କପି ବନ୍ଦ୍ କର୍‌ବାର୍ ଲାଗି ଗଠନ୍ ହେବା ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ କଳିଙ୍ଗ ଲାନସର୍ସ ଆର୍ ଟିମ୍ ଗୋନାସିକା ଭିତ୍‌ରେ ହେବା ମେଚ୍ ।

ପ୍ରବାସୀ ଭାରତୀୟ ଦିବସ           ଆଇ ଆଣ୍ଡ ପିଆର୍

ଓଡ଼ିଶା- ଦେଶର୍ ସମୃଦ୍ଧ ଐତିହ୍ୟର୍ ପ୍ରତିଫଳନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ଭୁବନେଶ୍ୱର ଜନତା ମଇଦାନଠାନେ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ସମାରୋହକେ ଆଏଜ୍ ଉଦ୍‌ଘାଟନ୍ କରିକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍, ସାରା ପୁର୍‌ଥି ଯେତେବେଲେ ଖଣ୍ଡାର୍ ବଲେ ସାମ୍ରାଜ୍ୟ ବଢ଼ଉଥିଲା, ସେତ୍‌କିବେଲ୍‌କେ ସମ୍ରାଟ୍ ଅଶୋକ ଓଡ଼ିଶା ମାଟିନ ଶାନ୍ତିର୍ ବାଟ୍ ବାଛିଥିଲେ ।

(ଭଏସ୍ ଓଭର୍-୧-ପ୍ରଧାନମନ୍ତ୍ରୀ)

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍, ସେ ସବୁବେଲେ ପ୍ରବାସୀମାନଙ୍କୁ ଭାରତର୍ ଦୂତ ବଲି କହି ଆସିଛନ୍ । ପ୍ରବାସୀ ଭାରତୀୟମାନେ ପ୍ରଧାନ୍‌ମନ୍ତ୍ରୀଙ୍କୁ ସାରା ଦୁନିଆ ନ ଗୌରବାନ୍ୱିତ୍ ହେବାର୍ ସୁଯୋଗ୍ ଦେଇଛନ୍ । ଆଝିରର୍ ଭାରତ୍ ବିକାଶ୍ ଆର୍ ଐତିହ୍ୟର୍ ବାର୍ତା ସଙ୍ଗେ ଆଗ୍‌କେ ବଢୁଛେ । ଇଥି ପ୍ରବାସୀ ଭାରତୀୟମାନ୍‌ଙ୍କର୍ ବଡ଼ ଭୂମିକା ରହିଛେ । ନିଜର ସଂସ୍କୃତି ଆର୍ ପରମ୍ପରାର୍ ସଙ୍ଗେ ଜୁଡ଼ି ହେବାର୍‌କେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇକରି ପ୍ରବାସୀ ଭାରତୀୟଙ୍କର୍ ସବୁ ଉଦ୍ୟମ୍ ଭାରତର୍ ବିକାଶ ଯାତ୍ରାକେ ଆହୁରି ବର୍‌କସ୍ କର୍‌ବା ବଲି କହିଛନ୍ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆହୁରି କହିଛନ୍, ଭାରତ- ପୁର୍‌ଥିର୍ ୩ ନମ୍ବର ବଡ଼ ଅର୍ଥନୀତି ହେବାର୍‌କେ ଯାଉଛେ ।

(ଭଏସ୍ ଓଭର୍-୨-ପ୍ରଧାନମନ୍ତ୍ରୀ)

ଇ ଉଧେ ପ୍ରଧାନମନ୍ତ୍ରୀ ଥିମ୍ ପେଭିଲିୟନ୍ ଉଦ୍‌ଘାଟନ କର୍‌ବାର୍ ସହେତେ ଦେଶର୍ ଭିନ୍ ଭିନ୍ ପର୍ଯ୍ୟଟନ୍‌ସ୍ଥଳିକେ ବୁଲ୍‌ବାର୍ ଲାଗି ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଭାରତୀୟମାନଙ୍କୁ ଓଡ଼ିଶାନ ପୁଞ୍ଜିନିବେଶ ଲାଗି ଆହ୍ୱାନ୍ କରିଛନ୍ ।

କାର୍ଯ୍ୟକ୍ରମଥି ତ୍ରିନିଦାଦ୍ ଓ ଟୋବାଗୋର୍ ରାଷ୍ଟ୍ରପତି ଖ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ ଆଭାସୀ ଜରିଏ ମୁଖିଆ କୁନିଆ ଭାବେ ଯୋଗ୍ ଦେଇକରି ପ୍ରାଚୀନ୍ ଭାରତର୍ ମହାନ୍ ଐତିହ୍ୟ ଆର୍ ପୁର୍‌ଥିକେ ଭାରତର୍ ଦେନ୍ ବାବ୍‌ଦେ ପ୍ରଶଂସା କରିଥିଲେ । ଭାରତ ଆର୍ ତ୍ରିନିଦାଦ ଆଉ ଟୋବାଗୋ ଭିତ୍‌ରେ ଶହ ଶହ ବଛର୍ ପୁର୍‌ନା ଭାବ୍ ବିଷେଥି ବି ସେ କହିଥିଲେ ।

ଉପରବେଲା ରେଲ ଆର୍ ସୂଚ୍‌ନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ପ୍ରବାସୀ ଭାରତୀୟମାନଙ୍କର୍ ସଙ୍ଗେ ବିକଶିତ ଭାରତ-୨୦୪୭ ବିଷେଥି ଆଲୋଚନା କରିକରି କହିଛନ୍, ଓଡ଼ିଶାକେ ଗୁଟେ ଆଇଟି ହବ୍ ବନାୟିବା । ଇତାର୍‌ସହେତେ ଶ୍ରୀ ବୈଷ୍ଣବ୍ ଓଡ଼ିଶା ନ ରେଲ୍‌ବାଇର୍ ବିକାଶ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ ଆର୍

କୁମ୍ଭମେଳା ଲାଗି ଓଡ଼ିଶା ନୁ ସ୍ୱତନ୍ତ୍ର ଟ୍ରେନ୍ ଚଲାଯିବା ବଲି କହିଛନ୍ ।

ରାଷ୍ଟ୍ରପତି- ଓଡ଼ିଶା ଆର୍ଏନ୍ୟୁ/ ସମ୍ବଲପୁର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ବେଲ୍ବୁଡ଼େ ଓଡ଼ିଶା ପୁହୁଁଚିଛନ୍ । ଭୁବ୍ନେଶ୍ୱର୍ ବିଜୁ ପଟ୍ଟନାୟକ୍ ବିମାନ୍ ବନ୍ଦର୍ ନ ରାଷ୍ଟ୍ରପତି ପୁହୁଁଚିବାର୍ ଉତ୍ରୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ସ୍ୱାଗତ୍ ଜନେଇଥିଲେ । ଇତାର୍ଉତ୍ରୁ ରାଷ୍ଟ୍ରପତି ରାଜଭବନ୍ ଯାଇଛନ୍ । ଆଏବା କାଏଲ୍ ରାଷ୍ଟ୍ରପତି ଭୁବ୍ନେଶ୍ୱର୍ ଜନତା ମଇଦାନ୍ ଠାନେ ଚାଲିଥିବା ପ୍ରବାସୀ ଭାରତୀୟ ଦିବସ୍ର ଉଦ୍ଯାପନୀ ସମାରୋହଥି ଯୋଗ୍ ଦେଇକରି ପ୍ରବାସୀ ଭାରତୀୟମାନ୍କୁ ସମ୍ମାନିତ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଯକ୍ଷ୍ମା ନିରାକରଣ୍ ଅଭିଯାନ ଏନ୍ଏସ୍ଡି

ଦେଶ୍ରୁ ଯକ୍ଷ୍ମା ରୋଗ୍ ଦୂର୍ କର୍ବାର୍ ଲାଗି ଜେଲ୍ମାନ୍କେ ଶହେ ଦିନିଆ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ଜୋର୍ଦାର୍ କର୍ବାର୍କେ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍

ମାନ୍‌କୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇଥିର୍‌ଲାଗି ଜେଲ୍‌ମାନ୍‌କେ ସ୍ୱାସ୍ଥ୍ୟ ଯାଂଚ୍ ଶିବିର୍, ସୂଚନା, ଶିକ୍ଷା ଆଉ ଯୋଗାଯୋଗ କାର୍ଯ୍ୟକ୍ରମ୍ ପ୍ରଦର୍ଶନ୍ କର୍‌ବାର୍ ଲାଗି ଚିଠି ଲେଖାଯାଇଛେ । ସୁଧାର୍ ଗୃହ ଆର୍ ଜେଲ୍ କର୍ମଚାରୀମାନ୍‌କର୍ ଭିତ୍‌ରେ ଯକ୍ଷ୍ମାରୋଗ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଭିଲ୍ ପରାମର୍ଶ ଦିଆଯାଇଛେ । ଇତାର୍‌ଛଡ଼ା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ଆଏବା ୨୭ ତାରିଖ୍‌ନୁ ଫେବୃଆରୀ ୨ ତାରିଖ୍‌ତକ୍ ନି-କ୍ଷୟ ଶପଥ୍ ପାଠ୍ ଲାଗି ଅନୁରୋଧ୍ କରାଯାଇଛେ ।

ଯୁକ୍ତ ଦୁଇ ପରୀକ୍ଷାଥି କପି ବନ୍ଦ-ସ୍କ୍ୱାର୍ଡ଼ ଗଠନ୍ ହି.ସ.

ଯୁକ୍ତ ଦୁଇ ପରୀକ୍ଷାଥି କପି ବନ୍ଦ୍ କର୍‌ବାର୍ ଲାଗି ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ଼ ଗଠନ୍ ହେବା ବଲି ଉଚ୍ଚମାଧମିକ ଶିକ୍ଷା ପରିଷଦ୍-ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ସୂଚ୍‌ନା ଦେଇଛନ୍ । ଆଘୋନୁ ରାଜ୍ୟସ୍ତରୀୟ ସ୍କ୍ୱାର୍ଡ଼ ଗଠନ୍ ହେଉଥିଲା ଆର୍ ଇଟା ଭିନ୍ ଭିନ୍ ଜିଲ୍ଲାଥି ପୁହୁଁଚି ନାଇଁପାରୁଥାଇ । ଗଲାବଛର୍ ପରୀକ୍ଷାମୂଲକ୍ ଭାବେ ମାଲ୍‌କାନ୍‌ଗିରି, କୋରାପୁଟ୍ ଆର୍ ନବରଙ୍ଗ୍‌ପୁର୍ ଜିଲ୍ଲା ନ ଇଟା ମୂଲ୍ ହେଇଥିଲା ଆର୍ ଇ ବଛର୍ ଫି’ ଜିଲ୍ଲା ନ ସ୍କ୍ୱାର୍ଡ଼ ମୁତୟନ୍ ହେବେ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ଶାମ୍ବ ଦଶ୍ମୀ ଆର୍ଏନ୍ୟୁ/ କଟକ୍

ରାଏଜେ ଆଏଜ୍ ଶାମ୍ବ ଦଶ୍ମୀ ପାଲନ୍ କରାଯାଉଛେ । ଛୁଆମାନ୍କର୍ ମଙ୍ଗଲ୍ କାମ୍ନା କର୍ବାର୍ ସହେତେ ନିରୋଗ୍ ଆର୍ ଦୀର୍ଘଜୀବନ୍ କାମ୍ନା କରିକରି ମା ମାନେ ଆଏଜ୍ ସୂର୍ଯ୍ୟପୂଜା କରିଛନ୍ । ଇ ଅବ୍ସରେ କୋଣାର୍କ ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ । ଭିନ୍ ଭିନ୍ ଅନୁଷ୍ଠାନ୍ ତର୍ଫୁ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ର ନ ସୂର୍ଯ୍ୟ ଆଲ୍ତୀ ସହେତେ କୋଣାର୍କ ସୌର ମହାଯଜ୍ଞ ଆର୍ ଚନ୍ଦ୍ରଭାଗାତକ୍ ସୂର୍ଯ୍ୟ ରଥଯାତ୍ରା ହେଉଛେ । ପବିତ୍ର ଶାମ୍ବ ଦଶ୍ମୀ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ବର୍ଗଡ୍ ଧନୁଯାତ୍ରା ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍ର ୭ ନମ୍ବର୍ ଦିନେ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କର୍ ନଗର୍ ଭ୍ରମଣ୍, ରାଜ୍ଦର୍ବାର୍ଥି ନ୍ୟାୟ ବିଚାର୍, ଗୋପୀମାନ୍କର୍ ଦହିବିକା, ରାଧାକୃଷ୍ଣଙ୍କର୍ ନାବକେଳି, ଶଙ୍ଖଚୂଡ଼ ବଧ ଆର୍ ନନ୍ଦ ଦର୍ବାର୍ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା ।

ପ୍ରବାସୀ ଭାରତୀୟ ଦିବସ୍-କଲାହାଣ୍ଡି          ହି.ସ./ବୌଦ୍ଧ

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ବ୍ରଜମୋହନ୍ ଉଚ୍ଚବିଦ୍ୟାଳୟ ପରିସର୍ ନ ସମଗ୍ର ଶିକ୍ଷା ତର୍ଫୁ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ଉତ୍ସବ୍‌ଥି କଲାହାଣ୍ଡି ଜିଲ୍ଲାପାଲ୍ ସଚିନ୍ ପାୱାର୍ ମୁଖିଆ କୁନୁଆଁ ହିସାବେ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ୧୩ ଟା ବ୍ଲକ୍‌ନୁ ଆସିଥିବା ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ସେନ୍ତା ବୌଦ୍ଧ ଟାଉନ୍‌ହଲ୍ ଠାନେ ସମଗ୍ର ଶିକ୍ଷା ବିଭାଗ୍ ତର୍ଫୁ ଜିଲ୍ଲାସ୍ତରୀୟ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ପ୍ରବାସୀ ଭାରତୀୟମାନ୍‌କର୍ ଦେଶ୍ ଲାଗି ରହିଥିବା ଅବଦାନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ଜିଲ୍ଲାସ୍ତରୀୟ ଜୁନିଅର୍ ରେଡ଼କ୍ରସ୍ ତାଲିମ୍ ଶିବିର          ହି.ସ.

ବଲାଙ୍ଗିର୍ ଜିଲ୍ଲା ପୁଇଁତଲା ବ୍ଲକ୍ ମହିମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ଜୁନିଅର୍ ରେଡ଼କ୍ରସ୍

ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନ୍ ଧରିକରି ହେବାର୍‌କେ ଥିବା ଇ ଶିବିର୍‌କେ ବଲାଙ୍ଗିର୍ ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ଯୋଗ୍‌ଦେଇକରି ରେଡ଼କ୍ରସ୍ ପତାକା ଉତୋଲନ୍ କରିକରି ଉଦ୍‌ଘାଟନ୍ କରିଥିଲେ ।

ଶିଶୁଙ୍କ ପାଇଁ ଦିନଟିଏ -ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ନ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଶିଶୁ ସୁରକ୍ଷା ଆର୍ ବାଲ୍ୟବିବାହ ନିରାକରଣ୍ ସମୀକ୍ଷା ବୈଠକ୍ ହେଇଥିଲା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ବ୍ୟାପକ୍ ଜନସଚେତନତାର୍ ସହେତେ ଜିଲ୍ଲା ନ ଛୁଆମାନ୍‌କର୍ ସୁରକ୍ଷାର୍ ଲାଗି ଭିନ୍ ଭିନ୍ ବିଭାଗ୍, ଏନ୍‌ଜିଓ ଆର୍ ଗଠିତ୍ କମିଟିମାନ୍‌କୁ ଅଏତ୍‌କା କ୍ରିୟାଶୀଲ୍ ହେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ମେଗା ରକ୍ତଦାନ୍ ଶିବିର ହି.ସ.

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବେହେରାମାଲ୍ ପଂଚାୟତ୍ କାର୍ଯ୍ୟାଳୟ ପରିସର୍ ନ ଗୁଟେ ମେଗା ରକ୍ତଦାନ୍ ଶିବିର୍ ହେଇଯାଇଛେ । ସୁବର୍ଣ୍ଣପୁର୍ ଡାକ୍ତର୍ଖାନା ନୁ ଡାକ୍ତରୀ ଦଲ୍ ଆସିକରି ମୋଟ୍ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଶିବିର୍ଥି ୪୫ ଝନ୍ ପୁରୁଷ ଆର୍ ୧୫ ଝନ୍ ମହିଳା ରକ୍ତଦାନ୍ କରିଥିଲେ ।

ଆଲୋଚନାଚକ୍ର ସୁବର୍ଣ୍ଣପୁର ସମ୍ବାଦଦାତା

ସୋନପୁରଠାନେ ଚାଲିଥିବା ସୁବର୍ଣ୍ଣ ଲୋକ୍ ମହୋତ୍ସବ୍ ଉଧେ "ଜାତୀୟ ଶିକ୍ଷାନୀତି-୨୦୨୦ ଓ ଉଚ୍ଚଶିକ୍ଷା" ବିଷେଥି ଗୁଟେ ଆଲୋଚନାଚକ୍ର ଜିଲ୍ଲା ଗ୍ରନ୍ଥାଗାର୍ଠାନେ ହେଇଯାଇଛେ । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରାର୍ ଡକ୍ଟର ଉମାଶଙ୍କର ପତି ଆଉ ଲକ୍ଷ୍ମଣ ମିଶ୍ର ଆଲୋଚକ୍ ଭାବେ ଯୋଗ୍ ଦେଇଥିଲେ ।

କନ୍ୟା ଭ୍ରୁଣ ହତ୍ୟା ନିରୋଧ ଆଇନ୍ ବୈଠକ -ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କର୍ ସମ୍ମିଳନୀ କୁଠାନ ସ୍ୱାସ୍ଥ୍ୟ ବିଭାଗ୍ ତରଫ଼ୁ କନ୍ୟା ଭ୍ରୁଣ ହତ୍ୟା ନିରୋଧ ଆଇନ୍‌ର ଜିଲ୍ଲା ପରାମର୍ଶ କମିଟି ବୈଠକ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ନ କନ୍ୟା ଭ୍ରୁଣ ହତ୍ୟା ଆଇନ୍‌ର କଡ଼ା ପାଲନ୍ କର୍‌ବାର ଲାଗି ତଦାରଖ୍ କମିଟି ମାନ୍‌କର ଜରିଏ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ରମାନ୍‌କୁ ବରାବର୍ ଯାଂଚ୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

କଳାହାଣ୍ଡି ଉଛବ୍ ହି.ସ.

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍‌ଠାନେ ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉଛବ୍- ଘୁମରା ୨୦୨୫ ପାଲିତ୍ ହେଇଛେ । ଉଦ୍‌ଘାଟନୀ ଉଛବ୍‌ଥି ଆଏଜ୍ ସଖାଲେ ଗୁଟେ ଶୋଭାଯାତ୍ରା ମାଣିକେଶ୍ୱରୀ ପୀଠ୍‌କେ ଯାଇଥିଲା ଆର୍ ସେନୁ ମଶାଲ୍ ଧରିକରି ବ୍ଲକ୍ କାର୍ଯ୍ୟାଳୟକେ ଆସିଥିଲା । ତାର୍ ଉତ୍‌ରୁ ମହୋତ୍ସବ୍ ମୁଲ୍ ହେଇଥିଲା । କାର୍ଯ୍ୟକ୍ରମ୍‌ଥି ମୁଖିଆ କୁନୁଆ ହିସାବେ ଲାଞ୍ଜିଗଡ଼ ବିଧାୟକ୍ ପ୍ରଦୀପ ଦିଶାରୀଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍- ପୁରସ୍କାର୍ ରାଶି ଆର୍‌ଏନ୍‌ୟୁ/ କଟକ୍

ହକି ଇଣ୍ଡିଆ ତର୍ଫୁ ରାଉର୍‌କେଲା ଆର୍ ରାଂଚି ନ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ପୁରସ୍କାର୍ ରାଶିକେ ବଢ଼ାଯାଇଛେ । ପ୍ରତିଯୋଗିତାଥି ପୁରୁଷ ଆର୍ ମହିଳା ବର୍ଗଥି ମୋଟ୍ ୧୦ କୋଟି ଟଙ୍କା ପୁରସ୍କାର୍ ଦିଆଯିବା । ପୁରୁଷ ବର୍ଗ ଚମ୍ପିଆନ୍ ଦଲ୍‌କେ ୩ କୋଟି ଆର୍ ମହିଳା ବର୍ଗ ଚମ୍ପିଆନ୍ ଦଲ୍‌କେ ୧ କୋଟି ୨୫ ଲାଖ୍ ଟଙ୍କା ପୁରସ୍କାର୍ ଦିଆଯିବା ବଲି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ୍ ତିର୍କି ସୂଚ୍‌ନା ଦେଇଛନ୍ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ବେଦାନ୍ତ କଲିଙ୍ଗ ଲାନ୍‌ସର୍ସ ଆର୍ ଟିମ୍ ଗୋନାସିକା ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ପରୀକ୍ଷା ପେ ଚର୍ଚ୍ଚା ହି.ସ.

ଛାତ୍ରଛାତ୍ରୀଙ୍କର୍ ପରୀକ୍ଷା ଚିନ୍ତାକେ ଉଛବ୍ ମାହୋଲ୍‌ଥି ବଦ୍‌ଲାବାର୍‌କେ ମୁଲ୍ ହେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର୍ ପରୀକ୍ଷା ପେ ଚର୍ଚ୍ଚା-୨୦୨୫ କାର୍ଯ୍ୟକ୍ରମ୍ ଲାଗି

ପଂଜିକରନ୍ ପ୍ରକ୍ରିୟା ଜୋର୍‌ସୋର୍‌ଥି ଚାଲିଛେ। କାର୍ଯ୍ୟକ୍ରମ୍‌ର ୮ ନମ୍ବର୍ ଖେପ୍‌ଥି ସାମିଲ୍ ହେବାର୍ ଲାଗି ଏବ୍‌ତକ୍ ୨ କୋଟି ୭୯ ଲାକ୍ଷ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ ପଂଜିକୃତ୍ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ।